# ତହସିଲ କାର୍ଯ୍ୟାଳୟ ,ଦାନଗଦି

# OFFICE OF THE TAHASILDAR, DANAGADI

ଦୂରଭାଷ ନମ୍ବର – ୦୬୭୨୮ -୨୧୪୨୧୫ ଇ -ମେଲ : **tdrdanagadi@gmail.com** ପିନ – ୭୫୫୦୨୬) ଓଡିଶା(

ବିଜ୍ଞପ୍ତି ସଂଖ୍ୟା 4029 /ତାରିଖ:- 31-12-21

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଦାନଗଦୀ ତହସିଲ ଅନ୍ତର୍ଗତ ନିମ୍ନ ସୂଚି ପ୍ରଦତ୍ତ (ଲଘୁ ଖଣିଜ ଦ୍ରବ୍ୟ) ବାଲି ସୈରାତ ଉସ୍ର ଗୁଡିକୁ ଅନ୍ୟୁନ୍ ୦୫(ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ ସୁତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିଆତି ନିୟମାବଳୀ ୨୦୧୬ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିଆତି (ସଂଶୋଧନ) ନିୟମାବଳୀ ୨୦୧୭ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିଆତି (ସଂଶୋଧନ) ନିୟମାବଳୀ ୨୦୧୮ ବର୍ଣ୍ଣିତ ତିନି କିତା ଫର୍ମ ଏମ୍ ପୂରଣ କରି ତତ୍ ସହିତ ନିମ୍ନ ଲିଖିତ ଆବଶ୍ୟକୀୟ ଦସ୍ତାବିଜ/କାଗଜାତ ସଂଲଗ୍ନ କରି ଯଉମୁଦ ଲଫଂାପାରେ registered post/speed post ଜରିଆରେ ତହସିଲଦାର,ଦାନଗଦୀ ସା/ପୋ:-ଦାନଗଦୀ ଜିଲ୍ଲା–ଯାଜପୁର ପିନ-୭୫୫୦୨୬ ଙ୍କ ଠିକଣାରେ କିମ୍ବା ତହସିଲ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ ସିଲ ଟେଣ୍ଡର ଡ୍ରପ୍ ବକ୍ସରେ ବିଜ୍ଞପ୍ତି ପ୍ରକାଶନ ତାରିଖ ପର ଦିନ ଠାରୁ ଆସନ୍ତା ତା ୧୭/୦୧/୨୦୨୨ ରିଖ ଦିବା ୫ ଘଟିକା ସମୟ ସୁଦ୍ଧା ପକାଇ ପାରିବେ(ଛୁଟି ଦିନ ବ୍ୟତିତ)। ପ୍ରାପ୍ତ ଦରଖାସ୍ତ ଗୁଡିକୁ ତାରିଖ ୧୮/୦୧/୨୦୨୨ ରିଖ ଦିବା ୧୧ ଘଟିକା ସମୟରେ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ସିଲ୍ ଟେଣ୍ଡର୍ ଡ୍ରପ୍ ବକ୍ସ ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ । ନିଲାମ ଧାର୍ଯ୍ୟ ତାରିଖ ପୂର୍ବ ଦିବ ଅପରାହ୍ନ ୫ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ । ସେହିପରି ଅସପୂର୍ଣ୍ଣ ବା ଆବଶ୍ୟକ ଦସ୍ତାବିଜ/କାଗଜାତ ନଥିବା ଦରଖାସ୍ତ ଗୁଡିକୁ ନାକଚ କରାଯିବ ।

ଯଦି କୌଣସି କାରଣରୁ ଧାର୍ଯ୍ୟ ତାରିଖ ଓ ସମୟ ମଧ୍ୟରେ ନିଲାମ ନହୋଇ ପାରିଲା ତେବେ ପରବର୍ତ୍ତୀ ନିଲାମ ତାରିଖ କ୍ଷମତା ସମ୍ପନ୍ନ ପଦାଧିକାରୀଙ୍କ ଦ୍ୱାରା ସ୍ଥିର କରାଯାଇ ତହସିଲ କାର୍ଯାଳୟ ନୋଟିସ ବୋର୍ଡରେ ଜଣାଇ ଦିଆଯିବ । ଯଦି ୧ମ (ପ୍ରଥମ) ଦଫଂାରେ କୌଣସି ନିର୍ଦ୍ଦିଷ୍ଟ ସୈରାତ ଉସ୍ର ପାଇଁ କୌଣସି ଦରଖାସ୍ତ ଗ୍ରହଣ କରାଯାଇ ନ ଥିବ ବା କୌଣସି କାରଣ ବଶତଂ ଲିଜ ଚୂଡାନ୍ତ ହୋଇ ନପାରିଲା ତେବେ ୨ୟ(ଦ୍ୱିତୀୟ) ଦଫଂା ଅର୍ଥାତ ତା ୨୪/୦୧/୨୦୨୨ ଅପରାହ୍ନ ୫ ଘଟିକା ସୁଦ୍ଧା ଉପରୋକ୍ତ ପ୍ରଣାଳୀରେ ଦରଖାସ୍ତ ଗ୍ରହଣ କରାଯାଇ ତା ୨୫/୦୧/୨୦୨୨ ଦିବା ଘଟିକା ସମୟରେ ନିଲାମ ପ୍ରକ୍ରିୟା ସଂପାଦନା କରାଯିବ ଓ ସେହି ପରି ୩ୟ(ତୃତୀୟ) ଦଫଂା ଅର୍ଥାତ ତା ୩୧/୦୧/୨୦୨୨ ଅପରାହ୍ନ ୫ ଘଟିକା ସୁଦ୍ଧା ଉପରୋକ୍ତ ପ୍ରଣାଳୀରେ ଦରଖାସ୍ତ ଗ୍ରହଣ କରାଯାଇ ତା ୦୧/୦୩/୨୦୨୨ ଦିବା ଘଟିକା ସମୟରେ ନିଲାମ ପ୍ରକ୍ରିୟା ସଂପାଦନା କରାଯିବ ।

ନିୟାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସର୍ତ୍ତାବଳୀ ଓ ନିଲାମ ଧାର୍ଯ୍ୟ ତାରିଖ ଇତ୍ୟାଦି ବାବଦରେ ତହସିଲ କାର୍ଯ୍ୟାଳୟରେ ( ଛୁଟି ଦିନ ବ୍ୟତିତ) ସମସ୍ତ କାର୍ଯ୍ୟ ଦିବସରେ ଉପଲବ୍ଧ ହେବ ଏବଂ ଯାଜପୁର ଜିଲ୍ଲା ୱେବ ସାଇଟ୍ www.jajpur.nic.in ର ଟେଣ୍ଡର ଲିଙ୍କ୍ ମାଧ୍ୟମରେ ମଧ୍ୟ ଏହି ବାବଦରେ ସମସ୍ତ ସୂଚନା ପାଇ ପାରିବେ ।

## ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ/କାଗଜାତ

(୧) ଦରଖାସ୍ତ ଫିଂ ବାବଦକୁ ଟ ୧୦୦୦/-(ଏକ ହଜାର)ଙ୍କା ଟ୍ରେଜେରୀ ଚାଲାଣ ( Head of Account- "0853-Non-Ferrous Mining and Metallurgical Industries-102-Mineral Concession Fees, Rents and Royalties") ଦାଖଲ କରିବେ । ଏହି ଦରଖାସ୍ତ ଫିଂ ଫେରସ୍ତ କରାଯିବ ନାହିଁ ।

୨) ଦରଖାସ୍ତକାରୀଙ୍କ ନାମରେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଏକ ସତ୍ୟପାଠ ଦାଖଲ କରିବେ ।

୩) ଦରଖାସ୍ତକାରୀଙ୍କ ନାମରେ Mines & Mineral (Development & Regulation Act-1957 ଏବଂ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ ଅନୁଯାୟୀ ନିୟମ ଉଲ୍ଲଘନର କୌଣସି ମୋକଦ୍ଦମା କୌଣସି ଅଦାଲତରେ ବିଚାରଧିନ ନଥିବାର ଏକ ସତ୍ୟପାଠ ଦାଖଲ କରିବେ ।

୪) ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ସର୍ବନିମ୍ନ ରୟାଲଟି ଓ ସର୍ବନିମ୍ନ ଅତିରିକ୍ତ ଦେୟର ଶତକଡା ୦୫(ପାଞ୍ଚ) ଭାଗ ମୂଲ୍ୟର EMD(Earnest Money Deposit) ତହସିଲଦାର,ଦାନଗଦୀଙ୍କ ନାମରେ ଡିମାଣ୍ଡ ଡ୍ରାପ୍ଟ ଦାଖଲ କରିବେ ।( EMD=5% of annual MGQ x (Royalty Minimum Additional Charges) ସହିତ ସଂମ୍ପୂର୍ଣ୍ଣ ସମ୍ପତି ତାଲିକା (Property statement) ଦାଖଲ କରିବେ ।

୪) ଆବେଦନକାରୀ ୧୮ (ଅଠର) ମାସ ପର୍ଯ୍ୟନ୍ତ ବୈଧତା ଥିବା original Bank Guarantee କିମ୍ବା Original Solvency Certificate ଦାଖଲ କରିବେ ଯାହାର ମୂଲ୍ୟ = ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ x (ରୟାଲଟି + ଦରଖାସ୍ତରେ ଦର୍ଶାଯାଇଥିବା ଅତିରିକ୍ତ ଦେୟ) ଠାରୁ କମ ହୋଇନଥିବ ।(Bank Guarantee/Solvency Certificate=Annual MGQ x (Royalty + offered Additional Charges) ।

୫) ଆବେଦନ କରିଥିବା ସୈରାତ ଉତ୍ସର ତପଂସିଲ ସହ ନକ୍ସା ଓ ଚୌହଦୀର ସମ୍ପୂର୍ଣ୍ଣ ବିବରଣୀ ।

୬) ପାନ୍ କାର୍ଡ/ଆଧାର କାର୍ଡ / ଭୋଟର ପରିଚୟ ପତ୍ରର ନକଲ ନିଜ ଦ୍ଵାରା ଅନୁମୋଦିତ (self attested ) କରାଯାଇ ଦାଖଲ କରିବେ ।

୭) ଅନ୍ୟାନ୍ୟ ବିବରଣୀ ଦାଖଲ କରିବେ ଯଥା:-ବୈଷୟିକ ଜ୍ଞାନ,ଦକ୍ଷତା ,ଆର୍ଥିକ ସ୍ଥିତି ଓ ଯନ୍ତ୍ରପାତି ଇତ୍ୟାଦି

### ସୈରାତ ଉତ୍ସର ଗୁଡିକର ବିବରଣୀ

| କ୍ର ନଂ | ସଇରାତ କେଶ ନଂ /ବର୍ଷ | ସଇରାତ ଉତ୍ସର ନାମ | ମୌଜା | ଖାତା ନଂ | ପ୍ଲଟ୍ ନଂ | ରକବା (ଏକର ରେ) | କିସମ | ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (ଘନ ମିଟରରେ) | ସର୍ବନିମ୍ନ ରୟାଲଟି ମୂଲ୍ୟ (ଘନ ମିଟରରେ) | ସର୍ବନିମ୍ନ ଅତିରିକ୍ତ ଦେୟ (ଘନ ମିଟରରେ) |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧ | ୦୧/୨୦୨୧ | ଦିଗାମ୍ବରପୁର ବାଲିଘାଟ | ଦିଗାମ୍ବରପୁର | ୬୮ | ୪୦୭ | ୧୦.୦୦ | ନଦୀ | ୭୦୦୦ | ୩୫.୦୦ | ୪୫.୦୦ |
| ୨ | ୦୨/୨୦୨୧ | ପଙ୍କପାଳ-୧ ବାଲିଘାଟ | ପଙ୍କପାଳ | ୨୨୪ | ୧୦୮୯ | ୧୨.୩୦ | ନଦୀ | ୬୦୦୦ | ୩୫.୦୦ | ୪୫.୦୦ |
| ୩ | ୦୩/୨୦୨୧ | ପଙ୍କପାଳ-୨ ବାଲିଘାଟ | ପଙ୍କପାଳ | ୨୨୪ | ୧୦୭୫ | ୧୨.୩୦ | ନଦୀ | ୬୦୦୦ | ୩୫.୦୦ | ୪୫.୦୦ |

# ସର୍ତ୍ତାବଳୀ

୧) ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ 2016 ର ପରିସରଭୁକ୍ତ ରହିବେ ।

୨) ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦାଖଲ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ୍ ପ୍ରଦାନ ନିମନ୍ତେ ଚୟନ କରାଯିବା , ଯଦି ଏକାଧିକ ନିଲାମଧାରୀ ସମାନ ମୂଲ୍ୟ ଦରଜ କରିଥିବେ ତେବେ ଲଟେରୀ ମାଧମରେ ଲିଜ୍ ପ୍ରଦାନ କରାଯିବ ।

୩) ସର୍ବୋଚ୍ଚ ନିଲାମାଧାରୀ ଉତ୍ସ ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା (Mining Plan ) ବାବଦର ମୂଲ୍ୟ ପୈଠ କରିବାକୁ ପଡିବ , ପୁନଶ୍ଚ ନିଜ ଖର୍ଚ୍ଚରେ ପରିବେଶ ମଞ୍ଜୁରୀ ସଂପୃକ୍ତ ଅଧିକାରୀଙ୍କଠାରୁ ହାସଲ କରିବେ ।

୪) ଯଦି ସର୍ବୋଚ୍ଚ Additional Charge ବା ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟ ସୀମା ମଧରେ ସମସ୍ତ ଦେୟ ପୈଠ ନକରନ୍ତି ବା ଖିଲାପ କରନ୍ତି ତେବେ ଦ୍ୱିତୀୟ ସର୍ବଧିକ ମୂଲ୍ୟାଙ୍କ କରିଥିବା ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

୫) ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥ ରାଶି ଠାରୁ ଅତି କମ୍ ହୋଇଥାଏ ତେବେ ଲିଜ୍ ପ୍ରକ୍ରିୟାକୁ ରଦ୍ଦ କରାଯାଇ ଜିଲ୍ଲାପାଳ ଙ୍କ ଅନୁମତି କ୍ରମେ ନୂତନ ରୂପେ ନିଲାମ କରାଯିବ ।

୬) ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ଏବଂ ଆବଶ୍ୟକ ଦସ୍ତାବିଜ ଦାଖଲ କରି ନଥାନ୍ତି ତେବେ ଦରଖାସ୍ତ କୁ ବିଚାରକୁ ନିଆଯିବ ନାହିଁ ।

୭) ନିଲାମଧାରୀ ଏବଂ Mines Act 1952 ଏବଂ Explosive Act 1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।

୮) ସର୍ବୋଚ୍ଚ ନିଲାମଧାରୀ ସୈରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକିୟ ମଞ୍ଜୁରୀ (Consent to establish & consent to operate ) ଓଡିଶା ପ୍ରଦୂଷଣ ବୋର୍ଡରୁ ( Orissa Pollution Control Board) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

୯) ବିଜ୍ଞାପନ ଖର୍ଚ୍ଚ ମନୋନିତ ଲିଜଧାରୀ ବହନ କରିବେ ।

୧୦) ସର୍ବୋଚ୍ଚ ନିଲାମଧାରୀ ସମସ୍ତ ମଞ୍ଜୁର ଦେୟ ଜମା କରିବା ପରେ ସେ ଫାରମ୍ ଏନ୍ (Form-N) ରେ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାକୁ ରେଜିଷ୍ଟ୍ରେସନ( ରେଜିଷ୍ଟ୍ରେସନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1899 ଅନୁଯାୟୀ) ସମ୍ପାଦନ କରିବେ ଏବଂ ପରବର୍ତ୍ତୀ ବର୍ଷଗୁଡିକ ପାଇଁ ପ୍ରତ୍ୟେକ ବର୍ଷ ଜାନୁୟାରୀ ମାସ ପ୍ରଥମାର୍ଦ୍ଧରେ ପଇଠ କରିବା ହେବେ । ମନୋନୀତ ନିଲାମଧାରୀ ତାଙ୍କ ନୟନର ସୂଚନା ପାଇବାର ୩ ସପ୍ତାହ ମଧରେ (Form-N) ଚୁକ୍ତିପZâ (Lease deed)ସାକ୍ଷର କରିବାକୁ ଡାକି, ଯଦି Mining Plan ଏବଂ E.C. ଅନୁମୋଦନ ପ୍ରାପ୍ତ ହୋଇଛି ଏବଂ ଅନ୍ୟ କ୍ଷେତ୍ରରେ ସୂଚନା ପାଇବା ତାରିଖ ଠାରୁ ତିନିମାସ ମଧରେ, ଏଥିରେ ବ୍ୟତିକ୍ରମ ଘଟିଲେ ସୂଚନା ପତ୍ରକୁ ନାକଚ କରି Security deposit କୁ ଫେରସ୍ତ କରାଯିବ ନାହିଁ ।

୧୧) ଲିଜ ଧାରୀ ଦାଖଲ କରୁଥିବା ସମସ୍ତ ଦେୟ ତଥା ରୟାଲଟି ଓ ଅନ୍ୟାନ୍ୟ ଦେୟର 2% ଆୟକର ବାବଦକୁ ଜମା କରିବେ ।

୧୨) ଲିଜ ଧାରୀ ଉତ୍ସ ପରିଚାଳନା କରିବା ପୂର୍ବରୁ ନିଜ ଖର୍ଚ୍ଚରେ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ଚୌହଦୀ ଚିହ୍ନଟ କରିବା ସହିତ ଲିଜ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଏକ ସୂଚନା ଫଳକ ତିଆରୀ କରି ଉଲ୍ଲେଖ କରିବେ ।

୩୫/

୧୩) ସମସ୍ତ ସର୍ତ୍ତାବଳୀ ପୂରଣ କରିସାରିବା ପରେ ଲିଜ୍ ଧାରୀ ଙ୍କୁ ସୈରାତ ଉତ୍ସ ପରିଚାଳନା କରିବା ନିମନ୍ତେ ଅନୁମତି ପ୍ରଦାନ କରାଯିବ ।

୧୪) ଲଜ୍ ଧାରୀ ଓଡିଶା ଲଘୁ ଖଣିଜ ନିୟମ 2016 ତଥା ସମସ୍ତ ସଂଶୋଧିତ ନିୟମ ଏବଂ ତତ୍ ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ ।

୧୫) ଲିଜ୍ ପାଇଁ ଆବେଦନ କରିବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି, ସୈରାତ ପରିଚାଳନା ପାଇଁ ଗମନାଗମନ ,ଗଛିତ ଥିବା ଖଣିଜ ପଦାର୍ଥର ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପ୍ରତ୍ୟବେକ୍ଷଣ କରି ଲିଜ୍ ରେ ଅଂଶଗ୍ରହଣ କରିବେ ।

୧୬) ଉକ୍ତ ନିଲାମ ସମ୍ବନ୍ଧୀୟ ଇସ୍ତିହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଆଧିକାରୀଙ୍କ ରହିଛି ।

୧୭) କୌଣସି କାରଣ ନ ଦର୍ଶାଇ ନିଲାମ ପରିବର୍ତ୍ତନ ତଥା ବାତିଲ କରିବାର କ୍ଷମତା କ୍ଷମତାପନ୍ନ ପ୍ରାଧିକାରୀ ଓ ଜିଲ୍ଲାପାଳ,ଯାଜପୁରଙ୍କର ଅଛି ।

୧୮) ଯଦି ଉକ୍ତ ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି ।

୧୯) ନିଲାମଧାରୀ OMMC Rule 2016 ର ନିୟମ -33(1-29) ର ସମସ୍ତ ସର୍ତ୍ତାବଳୀ ର ପରିସରଭୁକ୍ତ ରହିବେ ।(Annexure-II)

୨୦) ନିଲାମ ପ୍ରକ୍ରିୟା ସମୟରେ ସମସ୍ତ ଆବେଦନକାରୀ କୋଭିଡ୍-୧୯ ନିୟମ ଅନୁପାଳନ କରିବାକୁ ବାଧ୍ୟ ହେବେ ।

ତହସିଲଦାର,ଦାନଗଦୀ
Tahasildar, Danagadi

ପରିପତ୍ର ସଂଖ୍ୟା ୬୦୩୦ /ତାରିଖ:- ୩୧-୧୨-୨୧

ଏହାର ଏକକିତା ନକଲ ଜିଲ୍ଲାପାଳ,ଯାଜପୁର /ଉପ-ଜିଲ୍ଲାପାଳ ,ଯାଜପୁରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର,ଦାନଗଦୀ
Tahasildar, Danagadi

ପରିପତ୍ର ସଂଖ୍ୟା ୬୦୩୧ /ତାରିଖ:- ୩୧-୧୨-୨୧

ଏହାର ଏକକିତା ନକଲ ଦାନଗଦୀ ପଞ୍ଚାୟତ ସମିତି/ ସଂପୃକ୍ତ ଗ୍ରାମ ପଞ୍ଚାୟତ/ତହସିଲର ସମସ୍ତ ରାଜସ୍ୱ ନିରୀକ୍ଷକ/ସୈରାତ ଉତ୍ସ ଅବସ୍ଥିତ ସଂପୃକ୍ତ ଥାନା/ଦାନଗଦୀ ତହସିଲ୍ କାର୍ଯ୍ୟାଳୟ ବିଜ୍ଞାପନ ଫଂଳକକୁ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ,

ତହସିଲଦାର,ଦାନଗଦୀ
Tahasildar, Danagadi

ପରିପତ୍ର ସଂଖ୍ୟା ୬୦୩୨ /ତାରିଖ:- ୩୧-୧୨-୨୧

Copy to the DIO, NIC, Collectorate, Jajpur for information with a request to upload this tender Notice in the district website for its wide publication.

ତହସିଲଦାର,ଦାନଗଦୀ
Tahasildar, Danagadi

# ତହସିଲଦାରଙ୍କ କାର୍ଯ୍ୟାଳୟ, ଦାନଗଦୀ,ଜିଲ୍ଲା-ଯାଜପୁର

## ଲଘୁଖଣିଜ ଦ୍ରବ୍ୟ( ଗଚ୍ଛିତ ବାଲି) ସ୍ୱଳ୍ପ ମିଆଦୀ ନିଲାମ ନିମନ୍ତେ ବିଜ୍ଞାପନ

ସଂଖ୍ୟା-...୪୦୨୮.../୨୦୨୧ ତାରିଖ-...[illegible].../୧୨/୨୦୨୧

ଓଡିଶା ଲଘୁ ଖଣିଜ ଦ୍ରବ୍ୟର ରିହାତି ନିୟମାବଳୀ- ୨୦୧୬ ଅନୁଯାୟୀ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ , ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଦାନଗଦୀ ତହସିଲ ଅଧିନରେ ଥିବା ନିମ୍ନ ସୂଚୀ ପ୍ରଦତ୍ତ ଗଚ୍ଛିତ ବାଲି (ଲଘୁ ଖଣିଜ ଦ୍ରବ୍ୟ )କୁ ନିଲାମ ସୂତ୍ରେ ନେବାପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏହି ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ତଥ୍ୟ ତହସିଲ କାର୍ଯ୍ୟାଳୟ, ଦାନଗଦୀରେ ସମସ୍ତ କାର୍ଯ୍ୟଦିବସମାନଙ୍କରେ ଉପଲବ୍ଧ ଅଟେ ଏବଂ ଯାଜପୁର ଜିଲ୍ଲା Website https://www.jajpur.nic.in ରେ ମଧ୍ୟ ଉପଲବ୍ଧ ଅଟେ ।

### ସୈରାତ ଉତ୍ସର ଗୁଡିକର ବିବରଣୀ

| କ୍ର ନଂ | ସଇରାତ କେଶ ନଂ /ବର୍ଷ | ସଇରାତ ଉତ୍ସର ନାମ | ମୌଜା | ଖାତା ନଂ | ପ୍ଲଟ୍ ନଂ | ରକବା (ଏକରରେ) | କିସମ | ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (ଘନ ମିଟରରେ) | ସର୍ବନିମ୍ନ ରୟାଲଟି ମୂଲ୍ୟ (ଘନ ମିଟରରେ) | ସର୍ବନିମ୍ନ ଅତିରିକ୍ତ ଦେୟ (ଘନ ମିଟରରେ) |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧ | ୦୧/୨୦୨୧ | ଦିଗାମ୍ବରପୁର ବାଲିଘାଟ | ଦିଗାମ୍ବରପୁର | ୬୮ | ୪୦୭ | ୧୦.୦୦ | ନଦୀ | ୭୦୦୦ | ୩୫.୦୦ | ୪୫.୦୦ |
| ୨ | ୦୨/୨୦୨୧ | ପଙ୍କପାଳ-୧ ବାଲିଘାଟ | ପଙ୍କପାଳ | ୨୨୪ | ୧୦୮୯ | ୧୨.୩୦ | ନଦୀ | ୬୦୦୦ | ୩୫.୦୦ | ୪୫.୦୦ |
| ୩ | ୦୩/୨୦୨୧ | ପଙ୍କପାଳ-୨ ବାଲିଘାଟ | ପଙ୍କପାଳ | ୨୨୪ | ୧୦୭୫ | ୧୨.୩୦ | ନଦୀ | ୬୦୦୦ | ୩୫.୦୦ | ୪୫.୦୦ |

ସ୍ୱା-

ତହସିଲଦାର,ଦନଗଦୀ